# REGIONAL NEWS UNIT, AIR CUTTACK

## Morning Bulletin (7.05 AM)

**27 March – 2025**

---

## ପୋଷଣ ଲଡୁ

ରାଜ୍ୟରେ ମଧ୍ୟାହ୍ନ ଭୋଜନ ବ୍ୟବସ୍ଥାରେ ପ୍ରଥମରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ପଢୁଥିବା ଛାତ୍ରଛାତ୍ରୀମାନଙ୍କୁ ପୋଷଣଯୁକ୍ତ ଲଡୁ ଦିଆଯିବ । ଆସନ୍ତାମାସରୁ ପ୍ରତି ସପ୍ତାହରେ ପ୍ରତ୍ୟେକ ପିଲାଙ୍କୁ ୩ଟି ଲେଖାଏଁ ଲଡୁ ଦେବାକୁ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି । ପ୍ରତି ସୋମବାର, ମଙ୍ଗଳବାର ଓ ଗୁରୁବାର ଏହି ଲଡୁ ଦିଆଯିବାକୁ ଥିବାବେଳେ ଆସନ୍ତା ମାସରୁ ଅତିରିକ୍ତ ଗୋଟିଏ ଅଣ୍ଡା ପିଲାମାନଙ୍କୁ ପ୍ରଦାନ କରାଯିବ । ଏ ନେଇ ଜିଲ୍ଲାପାଳମାନଙ୍କୁ ଅବଗତ କରାଯାଇଛି । ପ୍ରଧାନମନ୍ତ୍ରୀ ପୋଷଣ ଯୋଜନା ଅଧୀନରେ ଦିଆଯିବାକୁ ଥିବା ଏହି ଲଡୁରେ ମାଣ୍ଡିଆ ଚୁନା, ଗୁଡ଼, ଚିନାବାଦାମ ଓ ଘିଅ ଆଦି ବ୍ୟବହାର କରାଯିବ ।

---

## ପେନସନ

ଜରୁରୀ କାଳୀନ ପରିସ୍ଥିତିରେ ଗିରଫ ୨୧ ଜଣ ବନ୍ଦୀଙ୍କୁ ପ୍ରଥମ ପର୍ଯ୍ୟାୟରେ ପେନସନ ପ୍ରଦାନ କରାଯିବ । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏ ସଂପର୍କରେ କହିଛନ୍ତି, ବିଭିନ୍ନ ଜିଲ୍ଲାରୁ ଆସିଥିବା ଜିଲ୍ଲାସ୍ତରୀୟ କମିଟିର ନିଷ୍ପତ୍ତି ଅନୁଯାୟୀ ପ୍ରଥମ ପର୍ଯ୍ୟାୟରେ ୨୧ ଜଣଙ୍କୁ ଚଳିତ ବର୍ଷ ଜାନୁଆରୀରୁ ପିଛିଲା ଭାବେ ମାସିକ ୨୦ ହଜାର ଟଙ୍କା ଲେଖାଏଁ ପେନସନ ଦେବା ପାଇଁ ରାଜ୍ୟ ସ୍ତରୀୟ କମିଟି ସୁପାରିଶ କରିଛି ।

---

## କ୍ଷେପଣାସ୍ତ୍ର ପରୀକ୍ଷଣ

ଓଡ଼ିଶା ଉପକୂଳ ଚାନ୍ଦିପୁରସ୍ଥିତ ସମନ୍ୱିତ ପରୀକ୍ଷଣ ଘାଟୀରୁ **VL-SR-SMM** କ୍ଷେପଣାସ୍ତ୍ରର ସଫଳ ପରୀକ୍ଷଣ କରାଯାଇଛି । ସ୍ୱଦେଶୀ ଜ୍ଞାନ କୌଶଳରେ ନିର୍ମିତ ଏହି କ୍ଷେପଣାସ୍ତ୍ରରୁ ଭୂପୃଷ୍ଠରୁ ଆକାଶମାର୍ଗକୁ ନିକ୍ଷେପ କରାଯାଇ ପାରିବ । ଗତକାଲି ମଧ୍ୟାହ୍ନ ସମୟରେ ଏହି କ୍ଷେପଣାସ୍ତ୍ରକୁ ଏକ ଲଞ୍ଚର୍ ସାହାଯ୍ୟରେ ଛଡ଼ାଯାଇଥିଲା ଏବଂ ଏହା ଲକ୍ଷ୍ୟସ୍ଥଳକୁ ଭେଦ କରିଥିଲା । ଏହି ସଫଳତା ପାଇଁ ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂହ' ଡିଆର୍‌ଡିଓ, ଭାରତୀୟ ନୌସେନା ଏବଂ ଅନ୍ୟ ଅଂଶୀଦାରମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ସେ କହିଛନ୍ତି, ଏହି କ୍ଷେପଣାସ୍ତ୍ର ପରୀକ୍ଷଣ ପ୍ରତିରକ୍ଷା ଗବେଷଣା ଓ ବିକାଶ କ୍ଷେତ୍ରରେ ଭାରତର ଦୃଢ଼ ପରିକଳ୍ପନା ଏବଂ ବିକାଶ କ୍ଷମତାକୁ ପ୍ରମାଣିତ କରିଛି ।

---

## ରେଳ ଲାଇନ୍

ଖୋର୍ଦ୍ଧାରୋଡ ଏବଂ ବଲାଙ୍ଗୀର ମଧ୍ୟରେ ଉଭୟ ପାର୍ଶ୍ୱରୁ ୨୪୦ କିଲୋମିଟର ରେଳ ଲାଇନ୍ କାର୍ଯ୍ୟକ୍ଷମ ହୋଇଛି । ରେଳ ସୁରକ୍ଷା ଆୟୁକ୍ତ ବ୍ରିଜେଶ ମିଶ୍ର ବୌଦ୍ଧ ଏବଂ ପୁରୁଣା କଟକ ମଧ୍ୟରେ ୨୬ କିଲୋମିଟରରୁ ଅଧିକ ଦୈର୍ଘ୍ୟ ବିଶିଷ୍ଟ ରେଳ ଲାଇନର ଯାଞ୍ଚ କରିଛନ୍ତି । ଇତିମଧ୍ୟରେ ଖୋର୍ଦ୍ଧାରୋଡ- ବଲାଙ୍ଗୀର ରେଳଲାଇନ୍ ପ୍ରକଳ୍ପ ନୂତନ ଭାବେ ନିର୍ମିତ ରେଳ ଲାଇନ୍‌ର ସୁରକ୍ଷା ମାନଦଣ୍ଡ ଆକଳନ କରିବା ପାଇଁ ଏକ ହାଲୁକା ଟ୍ରେନ୍‌ର ପରୀକ୍ଷାମୂଳକ ଚଳାଚଳ କରାଯାଇଥିବା ରେଳବାଇ ପକ୍ଷରୁ ସୂଚନା ଦିଆଯାଇଛି । ଏହା ବ୍ୟତୀତ ଦଶପଲ୍ଲା ଏବଂ ପୁରୁଣା କଟକ

ମଧ୍ୟରେ ୬୨ କିଲୋମିଟର ରେଳ ଲାଇନ୍ ନିର୍ମାଣାଧୀନ ରହିଥିବା ସୂଚନା ମିଳିଛି ।

## ସ୍ମୃତିସଭା

ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମପାଟି' ପୂର୍ବତନ କେନ୍ଦ୍ରମନ୍ତ୍ରୀ ସ୍ୱର୍ଗତ ଡାକ୍ତର ଦେବେନ୍ଦ୍ର ପ୍ରଧାନ ଭବିଷ୍ୟତ ପିଢ଼ି ପାଇଁ ପ୍ରେରଣା ହୋଇ ରହିବେ ବୋଲି କହିଛନ୍ତି । ଭୁବନେଶ୍ୱର ଜୟଦେବ ଭବନଠାରେ ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ ଆନୁକୂଲ୍ୟରେ ସିଦ୍ଧପୁରୁଷ ସ୍ମରଣୀକା ଉନ୍ମୋଚନ କରି ରାଜ୍ୟପାଳ, ଏହା କର୍ମ ଉପରେ ବିଶ୍ୱାସ କରୁଥିବା ଓ ନେତୃତ୍ୱ ନେଉଥିବା ବ୍ୟକ୍ତିତ୍ୱଙ୍କ ସଫଳ ଯାତ୍ରାର ପ୍ରତିଲିପି ବୋଲି କହିଛନ୍ତି ।

## ବାରୁଣୀ ବୁଡ଼

ଚୈତ୍ରମାସ ତ୍ରୟୋଦଶୀ ତିଥିରେ ଆଜି ଗଞ୍ଜାମ ଜିଲ୍ଲା ଋଷିକୂଲ୍ୟାରେ ଶ୍ରଦ୍ଧାଳୁମାନେ ମହାବାରୁଣୀ ବୁଡ଼ ପକାଉଛନ୍ତି । ଜିଲ୍ଲାର ଋଷିକୂଲ୍ୟା, ବଡ଼ନଦୀ ସଂଗମ ଏବଂ ପୁରୁଷୋତ୍ତମପୁରର ତୁମ୍ବେଶ୍ୱର ନିକଟ ନଦୀରେ ହଜାର ହଜାର ସଂଖ୍ୟାରେ ଶ୍ରଦ୍ଧାଳୁ ଆଜି ସକାଳୁ ବୁଡ଼ ପକାଉଛନ୍ତି । ଏ ସଂପର୍କରେ ଆମ ସମ୍ବାଦଦାତା  ବିଭୂତି ଭୂଷଣ ତ୍ରିପାଠୀ କୁହନ୍ତି:

**V/O**

## ପୁରସ୍କାର

ପୂର୍ବତଟ ରେଳପଥ ମୁଖ୍ୟାଳୟ ଓ ମଞ୍ଚେଶ୍ୱର ରେଳଡବା ମରାମତି କାରଖାନାର ୧୩ ଜଣ କର୍ମଚାରୀଙ୍କୁ ୨୦୨୪ ବର୍ଷ ନିମନ୍ତେ ରେଳସେବା

ପୁରସ୍କାରରେ ସମ୍ମାନିତ କରାଯାଇଛି । ପୂର୍ବତଟ ରେଳପଥର ମହାପ୍ରବନ୍ଧକ ପରମେଶ୍ୱର ଫୁଙ୍କଓ୍ୱାଲ କର୍ମଚାରୀଙ୍କୁ ସମ୍ମାନିତ କରି ସେମାନଙ୍କ ଗୁରୁତ୍ୱପୂର୍ଣ୍ଣ ଅବଦାନ ଓ କାର୍ଯ୍ୟଦକ୍ଷତା ପାଇଁ ପ୍ରଶଂସା କରିଛନ୍ତି ।

## ସଚେତନତା ସଭା

ଭଦ୍ରକ ଜିଲ୍ଲା ପ୍ରଶାସନ ଏବଂ ଜିଲ୍ଲା ଶିଶୁ ବିଭାଗ ପକ୍ଷରୁ ଶିଶୁ ସୁରକ୍ଷା ସଂପର୍କିତ ସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି । ଏଥିରେ ବାଲ୍ୟ ବିବାହ, ଶିଶୁ ଶ୍ରମିକ ଆଦି ରୋକିବା ସହ ଶିଶୁଙ୍କ ଲାଗି ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ପକ୍ଷରୁ ପ୍ରଣୟନ କରାଯାଇଥିବା ବିଭିନ୍ନ ଯୋଜନାର ଲାଭ ନେବାକୁ ଅତିଥିମାନେ ପରାମର୍ଶ ଦେଇଥିଲେ ।

## ବୈଠକ

ନୂଆପଡ଼ା ଜିଲ୍ଲା ସିନାପାଲି ବ୍ଲକ ଯୋଗେନପଦରଠାରେ ସିଆରପି ସଂଘର ବୈଠକ ଅନୁଷ୍ଠିତ ହୋଇଯାଇଛି । ରାଜ୍ୟ ସିଆରପି ସଂଘ ସଂପାଦିକା ତୁଳସୀ ହାନ୍ତାଳ ଓ ଭାରତୀୟ ମଜଦୁର ସଂଘ ଜିଲ୍ଲା ସଭାପତି ପ୍ରଦୀପ କୁମାର ଦଣ୍ଡସେନା ପ୍ରମୁଖ ଯୋଗଦେଇ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ମହିଳା ସଶକ୍ତିକରଣ ଦିଗରେ ଗ୍ରହଣ କରାଯାଉଥିବା ପଦକ୍ଷେପ ଗୁଡ଼ିକ ବିଷୟରେ ଆଲୋଚନା କରିଥିଲେ ।

## ଅସୀ ଚାଳନା

ଜାତୀୟ ଉପ-କନିଷ୍ଠ ଅସୀ ଚାଳନା ପ୍ରତିଯୋଗିତା ପାଇଁ ଓଡ଼ିଶା ଦଳ ଘୋଷିତ ହୋଇଛି । କଟକ ଜବାହରଲାଲ ନେହେରୁ ଇନ୍‌ଡୋର

ଷ୍ଟାଡିୟମରେ ଆଜିଠାରୁ ୩୦ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁ ଥିବା ଏହି ପ୍ରତିଯୋଗିତା ପାଇଁ ଉଭୟ ବାଳକ ଓ ବାଳିକା ବର୍ଗରେ ୧୨ ଜଣ ଲେଖାଏଁ ପ୍ରତିଯୋଗୀଙ୍କୁ ଚୟନ କରାଯାଇଛି ।

## ପାଣିପାଗ

ରାଜ୍ୟରେ ଆସନ୍ତା ୨୯ରୁ ୩୧ ତାରିଖ ପର୍ଯ୍ୟନ୍ତ ଗ୍ରୀଷ୍ମ ପ୍ରବାହ ନେଇ ୫ଟି ଜିଲ୍ଲାକୁ ସତର୍କ ସୂଚନା ଜାରି କରାଯାଇଛି । ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ସୋନପୁର, ବଲାଙ୍ଗୀର, ବୌଦ୍ଧ, କଳାହାଣ୍ଡି ଓ ସମ୍ବଲପୁର ଜିଲ୍ଲାକୁ ସତର୍କତା ଜାରି କରାଯାଇଛି । ଗତକାଲି ବୌଦ୍ଧରେ ସର୍ବୋଚ୍ଚ ଦିନ ତାପମାତ୍ରା ୩୯ ଦଶମିକ ୮ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଥିବା ବେଳେ ଝାରସୁଗୁଡ଼ାରେ ୩୯ ଦଶମିକ ୫ ଏବଂ ହୀରାକୁଦ, ବଲାଙ୍ଗୀର ଓ ସମ୍ବଲପୁରରେ ୩୯ ଡିଗ୍ରୀ ତାପମାତ୍ରା ରେକର୍ଡ କରାଯାଇଥିଲା ।